# NATIONAL NEWS BULLETIN (ODIA)

## 13 December - 2025

## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ନକ୍ସଲବାଦ ନୁହେଁ, ଶାନ୍ତି ହିଁ ବିକାଶର ପଥକୁ ପ୍ରଶସ୍ତ କରିପାରିବ – କହିଲେ ସ୍ୱରାଷ୍ଟ୍ରମନ୍ତ୍ରୀ ।
- ଘରୋଇ କ୍ଷେତ୍ରର ନବସୃଜନକୁ ସଶକ୍ତ କରୁଛି ଗବେଷଣା ବିକାଶ ଓ ନବସୃଜନ - ଆର୍‌ଡିଆଇ ପାଣ୍ଠି ।
- ଉତ୍ତରାଖଣ୍ଡର ପୌରୀ ଜିଲ୍ଲାଠାରେ ସାଂସଦ କ୍ରୀଡ଼ା ଉତ୍ସବର ଉଦ୍‌ଘାଟନ କଲେ କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ ।
- ଥାଇଲାଣ୍ଡ ଓ କାମ୍ବୋଡିଆ ସୀମାରେ ଜାରି ରହିଛି ସଂଘର୍ଷ ।

ଏବଂ

- ଧର୍ମଶାଳାଠାରେ ଆସନ୍ତାକାଲି ଅନୁଷ୍ଠିତ ହେବ ଭାରତ- ଦକ୍ଷିଣ ଆଫ୍ରିକା ତୃତୀୟ ଟି-ଟ୍ୱେଣ୍ଟି ମ୍ୟାଚ୍ ।

କ

# ଛତିଶଗଡ଼ – ଅମିତ୍ ଶାହା

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା କହିଛନ୍ତି ନକ୍ସଲବାଦ ନୁହେଁ ଶାନ୍ତି ହିଁ ବିକାଶର ପଥକୁ ପ୍ରଶସ୍ତ କରିପାରିବ। ଛତିଶଗଡ଼ର ଜଗ୍‌ଦଲପୁର ସହରରେ ବସ୍ତର ଅଲମ୍ପିକ୍‌ସର ଆଜି ଉଦ୍‌ଯାପନୀ ସମାରୋହକୁ ସମ୍ବୋଧନ କରି ଶ୍ରୀ ଶାହା କହିଛନ୍ତି ବସ୍ତର ଅଲମ୍ପିକ୍‌ସର ପରବର୍ତ୍ତୀ ସଂସ୍କରଣ ଅନୁଷ୍ଠିତ ହେବା ବେଳକୁ କେବଳ ଛତିଶଗଡ଼ର ବସ୍ତର ଅଞ୍ଚଳ ନୁହଁ, ବରଂ ସମଗ୍ର ଦେଶ ନକ୍ସଲମୁକ୍ତ ହୋଇଥିବ। ଆସନ୍ତା ମାର୍ଚ୍ଚ ସୁଦ୍ଧା ଦେଶକୁ ନକ୍ସଲମୁକ୍ତ କରିବା ନେଇ ସରକାରଙ୍କ ପ୍ରତିବଦ୍ଧତାକୁ ଶ୍ରୀ ଶାହା ଦୋହରାଇଛନ୍ତି।

**V/O – Amit Shah Naxal**

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା କହିଛନ୍ତି ଆଗାମୀ ପାଞ୍ଚବର୍ଷ ମଧ୍ୟରେ ବସ୍ତର ଡିଭିଜନକୁ ଦେଶର ସବୁଠାରୁ ବିକଶିତ ଆଦିବାସୀ ଅଞ୍ଚଳ ଭାବେ ଗଢ଼ିତୋଳିବାକୁ ସରକାର ସଂକଳ୍ପ ନେଇଛନ୍ତି। ସେ କହିଛନ୍ତି ବସ୍ତର ଡିଭିଜନର ୭ଟି ଜିଲ୍ଲାରେ ବସବାସ କରୁଥିବା ଲୋକଙ୍କୁ ଆବାସ, ବିଦ୍ୟୁତ୍, ପାନୀୟଜଳ, ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ଭଳି ମୌଳିକ ସୁବିଧା ସୁଯୋଗ ପ୍ରଦାନ କରାଯିବ। ବସ୍ତର ଡିଭିଜନର ବିକାଶ ପଦକ୍ଷେପ ଉପରେ

ଆଲୋକପାତ କରି ଶ୍ରୀ ଶାହା କହିଛନ୍ତି ସେଠାରେ ଶିକ୍ଷା, ଯୋଗାଯୋଗ ଆଦି ବିଭିନ୍ନ କ୍ଷେତ୍ରରେ ଏବେ ବ୍ୟାପକ ପରିବର୍ତ୍ତନ ଘଟୁଛି।

କାର୍ଯ୍ୟକ୍ରମରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଇଙ୍କ ସମେତ ରାଜ୍ୟ ମନ୍ତ୍ରୀମଣ୍ଡଳର ସଦସ୍ୟ, ଉପମୁଖ୍ୟମନ୍ତ୍ରୀ, ବିଧାନସଭା ବାଚସ୍ପତି ପ୍ରମୁଖ ଉପସ୍ଥିତ ଥିଲେ। ବସ୍ତର ଅଲମ୍ପିକ୍ସ ପ୍ରତିଯୋଗିତାରେ ନକ୍ସଲ ପ୍ରଭାବମୁକ୍ତ ହୋଇଥିବା ସମସ୍ତ ୭ଟି ଜିଲ୍ଲାର ପ୍ରାୟ ସାଢ଼େ ତିନିହଜାର ଖେଳାଳି ଏଥିରେ ଅଂଶଗ୍ରହଣ କରିଥିଲେ।

## ଜିତେନ୍ଦ୍ର ସିଂହ – ଆର୍‌ଡିଆଇ ଫଣ୍ଡ୍

ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି ଘରୋଇ କ୍ଷେତ୍ରର ନବସୃଜନକୁ ସଶକ୍ତ କରିବାରେ ଗବେଷଣା, ବିକାଶ ଏବଂ ନବସୃଜନ - ଆର୍‌ଡିଆଇ ପାଣ୍ଠି ପ୍ରୋତ୍ସାହନ ପ୍ରଦାନ କରୁଛି। ନୂଆଦିଲ୍ଲୀରେ ଆର୍‌ଡିଆଇ ପାଣ୍ଠି ଆଉଟରିଚ୍ କାର୍ଯ୍ୟକ୍ରମକୁ ସମ୍ବୋଧନ କରି ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି ଭାରତର ଏଭଳି ପଦକ୍ଷେପ ବିଶ୍ୱସ୍ତରରେ ପ୍ରଥମ। ସେ କହିଛନ୍ତି ୧ ଲକ୍ଷ କୋଟି ଟଙ୍କାର ଆର୍‌ଡିଆଇ ପାଣ୍ଠି ବନ୍ଧକ ନ ଥାଇ ଋଣ ପ୍ରଦାନ କରିଥାଏ। ଏହାର ସର୍ବନିମ୍ନ ସୁଧହାର ୩ ପ୍ରତିଶତରୁ କମ୍ ରହିଛି। ଡକ୍ଟର ସିଂହ କହିଛନ୍ତି ଦେଶର ଗବେଷଣା ଏବଂ ଉଦ୍ଭାବନ ତଥା ନବସୃଜନ କ୍ଷେତ୍ରକୁ ସୁଦୃଢ଼ କରିବାରେ ସରକାରଙ୍କ ପ୍ରତିବଦ୍ଧତାକୁ ଏହି ପଦକ୍ଷେପ ପ୍ରତିଫଳିତ କରୁଛି। କୃତ୍ରିମ ବୁଦ୍ଧିମତ୍ତା, ସେମିକଣ୍ଡକ୍ଟର, କ୍ୱାଣ୍ଟମ୍

କମ୍ପ୍ୟୁଟିଙ୍ଗ୍, ସ୍ୱଚ୍ଛ ଶକ୍ତି, ମହାକାଶ ଏବଂ ପରମାଣୁ କ୍ଷେତ୍ର, ମେଡ୍‌ଟେକ୍ ଏବଂ ସାଇବର ସୁରକ୍ଷା ଆଦି କ୍ଷେତ୍ର ପାଇଁ ଏହି ପାଣ୍ଠି ବିନିଯୋଗ କରାଯାଇ ଏକ ଜାତୀୟ ଇକୋ-ସିଷ୍ଟମ ଗଠନ ଦିଗରେ ସରକାର ପ୍ରୟାସ କରୁଛନ୍ତି ବୋଲି ସେ କହିଛନ୍ତି ।

## ଏମ୍‌ପି – ସ୍ପୋର୍ଟସ ଫେଷ୍ଟିଭାଲ୍

ଯୁବବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନ୍‌ସୁଖ ମାଣ୍ଡବ୍ୟ ଆଜି ଉତ୍ତରାଖଣ୍ଡର ପୌରୀ ଜିଲ୍ଲା ଅନ୍ତର୍ଗତ କାଣ୍ଡୋଲିଆ ଗ୍ରାଉଣ୍ଡଠାରେ ଏମ୍‌ପି କ୍ରୀଡ଼ା ଉତ୍ସବର ଉଦ୍‌ଘାଟନ କରିଛନ୍ତି । ଦେଶ ଗଠନରେ କ୍ରୀଡ଼ାସଂସ୍କୃତିର ଗୁରୁତ୍ୱପୂର୍ଣ୍ଣ ଅବଦାନ ଉପରେ ଆଲୋକପାତ କରି ଡକ୍ଟର ମାଣ୍ଡଭ୍ୟ କେନ୍ଦ୍ର ସରକାରଙ୍କ ପୌରୀ ଅଞ୍ଚଳ ବିକାଶ ନେଇ ପ୍ରତିବଦ୍ଧତା ଉଲ୍ଲେଖ କରିଛନ୍ତି । କ୍ରୀଡ଼ା କ୍ଷେତ୍ରରେ ଏକ ଉତ୍କୃଷ୍ଟ ପେଣ୍ଠସ୍ଥଳୀ ଭାବେ ପୌରୀକୁ ପ୍ରସ୍ତୁତ କରିବା ଲାଗି ସରକାର ପଦକ୍ଷେପ ଗ୍ରହଣ କରିବେ ବୋଲି ସେ କହିଛନ୍ତି । ଯୁବ କ୍ରୀଡ଼ାବିତ୍‌କୁ ଏକ ଦକ୍ଷ ମଞ୍ଚ ପ୍ରଦାନ କରିବାରେ ଏମ୍‌ପି କ୍ରୀଡ଼ା ଉତ୍ସବ ସହାୟକ ହେଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ଏବଂ ପ୍ରଚେଷ୍ଟା ଯୋଗୁଁ ତୃଣମୂଳ ସ୍ତରରୁ ଦେଶର କ୍ରୀଡ଼ାସଂସ୍କୃତି ସୁଦୃଢ଼ ହୋଇପାରିଛି । ଏହି କ୍ରୀଡ଼ା ଉତ୍ସବର କୃତି ପ୍ରତିଯୋଗୀ ଆନ୍ତର୍ଜାତିକ ସ୍ତରରେ ଭାରତର ପ୍ରତିନିଧିତ୍ୱ କରିପାରିବ ବୋଲି ମନ୍ତ୍ରୀ ଡକ୍ଟର ମାଣ୍ଡବ୍ୟ ଆଶାବ୍ୟକ୍ତ କରିଛନ୍ତି ।

## ସିବିଡିଟି – ଏନ୍‌ୟୁଡିଜିପି କ୍ୟାମ୍ପେନ୍

ଆୟକରଦାତାଙ୍କୁ ଦାଖଲ ହୋଇଥିବା ରିଟର୍ଣ୍ଣରେ ଆବଶ୍ୟକ ସଂଶୋଧନ କରିବାକୁ କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ – ସିବିଡିଟି ପରାମର୍ଶ ଦେଇଛି। ନଜ୍ ଅଭିଯାନ ଅଧିନରେ ସଂଶୋଧନ ପ୍ରକ୍ରିୟା ଶେଷ କରିବାକୁ ସିବିଡିଟି ଅନୁରୋଧ କରିଛି। ଏହି ଅଭିଯାନ ଅଧିନରେ ଗତ ୧୨ ତାରିଖରୁ କରଦାତାଙ୍କୁ ସେମାନଙ୍କର ପଞ୍ଜୀକୃତ ମୋବାଇଲ୍ ନମ୍ବର ଏବଂ ଇ-ମେଲ୍‌ରେ ଏସ୍‌ଏମ୍‌ଏସ୍ ମାଧ୍ୟମରେ ପରାମର୍ଶ ଜାରି କରାଯାଇଛି। ସ୍ୱେଚ୍ଛାକୃତ ଭାବେ ତ୍ରୁଟି ସଂଶୋଧନ ପ୍ରକ୍ରିୟାକୁ ସୁଦୃଢ଼ କରିବା ଲକ୍ଷ୍ୟନେଇ କରଦାତାଙ୍କୁ ଏକ ଅନୁକୂଳ ପରିବେଶ ପ୍ରଦାନ କରିବା ଲକ୍ଷ୍ୟରେ ସିବିଡିଟି ପକ୍ଷରୁ ଏହି ଅଭିଯାନ ଆରମ୍ଭ କରାଯାଇଛି।

## ଥାଇ–କାମ୍ବୋଡିଆ ଫାଇଟ୍

ଥାଇଲାଣ୍ଡ ଓ କାମ୍ବୋଡିଆ ସୀମାରେ ଦୁଇ ଦେଶ ମଧ୍ୟରେ ସଂଘର୍ଷ ଜାରି ରହିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏଥିରେ ମଧ୍ୟସ୍ଥତା କରି ଦୁଇ ଦେଶ ଯୁଦ୍ଧବିରତି ନିମନ୍ତେ ରାଜି ହୋଇଥିବା ଘୋଷଣା କରିବା ସତ୍ତ୍ୱେ ପରସ୍ପର ମଧ୍ୟରେ ଲଢ଼େଇ ଲାଗିରହିଛି। ଟ୍ରମ୍ପ କହିଛନ୍ତି ସପ୍ତାହେବ୍ୟାପୀ ସୀମାରେ ଲାଗିରହିଥିବା ଏହି ଯୁଦ୍ଧ ପରିସ୍ଥିତିକୁ ଦୁଇ ଦେଶର ନେତାମାନେ ତୁରନ୍ତ ବନ୍ଦ କରିବାକୁ ରାଜି ହୋଇଥିଲେ। ଡୋନାଲ୍ଡ ଟ୍ରମ୍ପ ପ୍ରକାଶ କରିଛନ୍ତି ଉଭୟ ଦେଶର ନେତାମାନେ ଗତ

ଅକ୍ଟୋବର ମାସରେ ମାଲେସିଆର କ୍ୱାଲାଲାମ୍ପୁରଠାରେ ଏକ ଶାନ୍ତି ଚୁକ୍ତିନାମାରେ ସ୍ୱାକ୍ଷରିତ କରିଥିଲେ। ଏହାର ପ୍ରତିକ୍ରିୟାରେ ଥାଇଲାଣ୍ଡ କହିଛି ଯୁଦ୍ଧବିରତି ନିମନ୍ତେ କୌଣସି ରାଜିନାମା ସେମାନଙ୍କର ହସ୍ତଗତ ହୋଇନାହିଁ ଏବଂ କାମ୍ବୋଡିଆ ଟ୍ରମ୍ପଙ୍କୁ ଦାବିରେ କୌଣସି ପ୍ରତିକ୍ରିୟା ରଖିନାହାନ୍ତି। କାମ୍ବୋଡିଆର ପ୍ରତିରକ୍ଷା ମନ୍ତ୍ରାଳୟ ସୂଚନା ଦେଇଛି ଆଜି ସକାଳେ ଥାଇଲାଣ୍ଡର ଲଢୁଆ ଜେଟ୍ ବିମାନ କାମ୍ବୋଡିଆ ଉପରେ ଏୟାରଷ୍ଟ୍ରାଇକ୍ କରିଛି। ମାଲେସିଆର ପ୍ରଧାନମନ୍ତ୍ରୀ ଅନୁଆର ଇବ୍ରାହିମ୍ କହିଛନ୍ତି ଏସିଆନ୍ ଶିଖର ସମ୍ମିଳନୀର ନିଷ୍ପତ୍ତି ଅନୁସାରେ ଖୁବ୍ଶୀଘ୍ର ଏସିଆନ୍ ରାଷ୍ଟ୍ରମାନଙ୍କ ବୈଦେଶିକ ମନ୍ତ୍ରୀସ୍ତରୀୟ ଏକ ବୈଠକ ଡକାଯାଇ ଦୁଇଦେଶର ସୀମା ଉତ୍ତେଜନାକୁ ହ୍ରାସ କରିବାରେ ପ୍ରୟାସ କରାଯିବ।

## ମେସି – ଇଣ୍ଡିଆ ଟୁର୍

କୋଲକାତାର ସଲ୍ଟଲେକ୍ ସ୍ଥିତ ଯୁବ ଭାରତୀ କ୍ରୀଡ଼ାଙ୍ଗନ ଠାରେ ଆୟୋଜିତ ଖ୍ୟାତନାମା ଫୁଟବଲ୍ ତାରକା ଲିଓନେଲ୍ ମେସିଙ୍କ କାର୍ଯ୍ୟକ୍ରମରେ ବିଶୃଙ୍ଖଳା ପାଇଁ ଆୟୋଜକ ଶତଦ୍ରୁ ଦତ୍ତଙ୍କୁ ଗିରଫ କରାଯାଇଛି। ପୁଲିସ ଅତିରିକ୍ତ ମହାନିର୍ଦ୍ଦେଶକ ତଥା ଆଇନ ଶୃଙ୍ଖଳା ଆଇ.ଜି.ପି. ଜାୱେଦ୍ ସାମିମ୍ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ବିଶୃଙ୍ଖଳା ନେଇ ପ୍ରାଥମିକ ତଦନ୍ତ ଚାଲିଛି। ୨ ଘଣ୍ଟାର ପଚରାଉଚରା ପରେ ଶ୍ରୀ ଦତ୍ତଙ୍କୁ ଗିରଫ କରାଯାଇଥିବା ସେ କହିଛନ୍ତି। ପରିସ୍ଥିତି ଏବେ

ନିୟନ୍ତ୍ରଣାଧୀନ ରହିଛି ଏବଂ ଦର୍ଶକଙ୍କୁ ପ୍ରତ୍ୟାବର୍ତ୍ତନ କରିବା ପାଇଁ ଆନୁଷଙ୍ଗିକ ପଦକ୍ଷେପ ଗ୍ରହଣ କରାଯାଇଛି। ଟିକଟ ଅର୍ଥଫେରସ୍ତ ପାଇଁ ମଧ୍ୟ ସେ ସୂଚନା ଦେଇଛନ୍ତି। ପୂର୍ବରୁ ରାଜ୍ୟପାଳ ଡକ୍ଟର ସି.ଭି. ଆନନ୍ଦ ବୋଷ ଏହି ଘଟଣା ନେଇ ଆୟୋଜକ ଏବଂ ପ୍ରଯୋଜକଙ୍କୁ ତୁରନ୍ତ ଗିରଫ କରିବାକୁ ପଶ୍ଚିମବଙ୍ଗ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରିସ୍ଥିତିର ତଦନ୍ତ ନେଇ ଅବସରପ୍ରାପ୍ତ ବିଚାରପତି ଅସୀମ କୁମାର ରାୟଙ୍କ ନେତୃତ୍ୱରେ ଏକ କମିଟି ରାଜ୍ୟ ସରକାର ଗଠନ କରିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହି ଘଟଣା ପାଇଁ ଦୁଃଖପ୍ରକାଶ କରିବା ସହ ଜନସାଧାରଣଙ୍କ ନିକଟରେ କ୍ଷମାପ୍ରାର୍ଥନା କରିଛନ୍ତି।

କାର୍ଯ୍ୟକ୍ରମରେ ହୋଇଥିବା ଅବ୍ୟବସ୍ଥା ପାଇଁ ବିଜେପି ପଶ୍ଚିମବଙ୍ଗର ତୃଣମୂଳ କଂଗ୍ରେସ ସରକାରକୁ ଦୋଷାରୋପ କରିଛନ୍ତି। ନୂଆଦିଲ୍ଲୀଠାରେ ଏକ ପ୍ରେସ୍ ବିବୃତ୍ତିରେ ବିଜେପି ସାଂସଦ ତଥା ମୁଖପାତ୍ର ଡକ୍ଟର ସୁଧାଂଶୁ ତ୍ରିବେଦୀ ଏହାକୁ ଏକ ଦେଶବ୍ୟାପୀ ଲଜ୍ଜାଜନକ ଘଟଣା ବୋଲି ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଅଣ-ଏନ୍‌ଡିଏ ଶାସିତ ରାଜ୍ୟ କର୍ଣ୍ଣାଟକ ଏବଂ ତାମିଲନାଡୁରେ ମଧ୍ୟ ଅନୁରୂପ ଘଟଣା ଘଟିଥିଲା। ବ୍ୟକ୍ତିଗତ ଅହଙ୍କାରକୁ ପଦାଧିକାରୀମାନେ ସାବ୍ୟସ୍ତ କରିବା ଫଳରେ ଏଭଳି ଅଭାବନୀୟ ଘଟଣା ଘଟିଥିଲା ବୋଲି ଶ୍ରୀ ତ୍ରିବେଦୀ ଆରୋପ କରିଛନ୍ତି।

# ୟୁଏସ୍ ଏନ୍‌ଭଏ ଜର୍ମାନୀ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦରିଆପାରି ରାଷ୍ଟ୍ରଦୂତ ଷ୍ଟିଭ୍ ଓ୍ୱିଟ୍‌କଫ୍ ଚଳିତ ସପ୍ତାହନ୍ତରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲ୍‌ଡିମିର ଜେଲେନେସ୍କି ଏବଂ ୟୁରୋପୀୟ ରାଷ୍ଟ୍ରମୁଖ୍ୟଙ୍କ ସହ ଯୁଦ୍ଧ ପରିସମାପ୍ତି ନେଇ ଏକ ଉଚ୍ଚସ୍ତରୀୟ ଆଲୋଚନାରେ ମଧ୍ୟସ୍ଥତା କରିବେ। ବର୍ଲିନ୍ ଶାନ୍ତିଚୁକ୍ତିକୁ କାର୍ଯ୍ୟକାରୀ କରିବା ନେଇ ଦୁଇଦେଶଙ୍କୁ ସହମତ କରିବାକୁ ଶ୍ରୀ ଓ୍ୱିଟ୍‌କଫ୍ ପ୍ରଚେଷ୍ଟା କରିବା ସୂଚନା ଦିଆଯାଇଛି। ସମ୍ପ୍ରତି ଗତ କିଛି ସପ୍ତାହ ଧରି ୟୁକ୍ରେନ୍ ଏବଂ ଋଷିଆ ମଧ୍ୟରେ  ଜାରି ରହିଥିବା ଯୁଦ୍ଧ ପରିସ୍ଥିତିକୁ ଏଡ଼ିବା ନିମନ୍ତେ ବିଭିନ୍ନ ପର୍ଯ୍ୟାୟରେ ଆଲୋଚନା ଜାରି ରହିଛି। ବର୍ଲିନ୍ ଆଲୋଚନାରେ ଯୋଗଦେବାକୁ ଥିବା ୟୁରୋପୀୟ ରାଷ୍ଟ୍ରମୁଖ୍ୟଙ୍କ ସମ୍ପର୍କରେ  ଅଦ୍ୟାବଧି ସ୍ପଷ୍ଟ ହୋଇନଥିଲେ ସୁଦ୍ଧା ଇଂଲଣ୍ଡର ପ୍ରଧାନମନ୍ତ୍ରୀ ସାର୍ କିର୍ ଷ୍ଟାର୍ମର୍, ଫରାସୀ ରାଷ୍ଟ୍ରପତି ଇମାନୁଏଲ୍ ମାର୍କନ୍ ଏବଂ ଜର୍ମାନୀ ଚାନ୍‌ସେଲର ଫ୍ରେଡରିକ୍ ମର୍ଜ ଏହି ଆଲୋଚନାରେ ଅଂଶଗ୍ରହଣ କରିବା ସୂଚନା ମିଳୁଛି। ଓ୍ୱିଟକଫ୍ ଜେଲେନେସ୍କି ସାକ୍ଷାତ ଆଲୋଚନାର ପରେ ପରେ ୟୁକ୍ରେନ୍ ଏକ ୨୦ ଦଫା ସମ୍ବଳିତ ଶାନ୍ତି ପ୍ରସ୍ତାବ ଉପସ୍ଥାପନ କରିବ। ଯାହାକି ଗତ ନଭେମ୍ବର ମାସରେ କୂଟନୈତିକ ସ୍ତରରେ ସ୍ଥିରୀକୃତ ହୋଇଥିବା ଜଣାଯାଇଛି।

ଅନ୍ୟପକ୍ଷରେ ରଷିଆର ସାରାତୋଭ୍ ସହର ଉପରେ ୟୁକ୍ରେନ୍ ଡ୍ରୋନ୍ ଆକ୍ରମଣରେ ୨ ଜଣଙ୍କର ମୃତ୍ୟୁ ହୋଇଛି। ରଷିଆର ଜଣେ ଅଧିକାରୀ ଆଜି ଦେଇଥିବା ସୂଚନା ଅନୁଯାୟୀ ଗତରାତିରେ ଏକ ଆବାସିକ କୋଠା ଉପରେ ହୋଇଥିବା ଆକ୍ରମଣ ଯୋଗୁଁ ଦୁଇଜଣଙ୍କର ମୃତ୍ୟୁ ସହ ଅନ୍ୟ ବହୁ ଲୋକ ଆହତ ହୋଇଛନ୍ତି। ରଷିଆର ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ଦେଶର ବାୟୁ ପ୍ରତିରକ୍ଷା ପ୍ରଣାଳୀ ଗତରାତିରେ ୟୁକ୍ରେନ୍‌ର ୪୧ଟି ଡ୍ରୋନ୍‌କୁ ପ୍ରତିହତ କରିଛି। ସେଥିମଧ୍ୟରୁ ସାରାତୋଭ୍ ଅଞ୍ଚଳ ଉପରେ ରହିଥିବା ୨୮ଟି ଡ୍ରୋନ୍ ଅନ୍ତର୍ଭୁକ୍ତ। ୟୁକ୍ରେନ୍‌ର ପାୱାରଗ୍ରିଡ୍ ଉପରେ ମଧ୍ୟ ରଷିଆ ଆକ୍ରମଣ ଫଳରେ ଆଜି ସକାଳେ ସେହି ଦେଶର ଦକ୍ଷିଣ ବନ୍ଦର ସହର ଓଡ଼େସା ଏବଂ ଆଖପାଖ ଅଞ୍ଚଳରେ ବିଦ୍ୟୁତ୍ ବିଭ୍ରାଟ ଘଟିଥିଲା। ରାଷ୍ଟ୍ରପତି ଭୋଲ୍‌ଡମିର୍ ଜେଲେନେସ୍କି କହିଛନ୍ତି ରଷିଆ ପକ୍ଷରୁ ୪୫୦ରୁ ଅଧିକ ଡ୍ରୋନ୍ ଏବଂ ୩୦ଟି କ୍ଷେପଣାସ୍ତ୍ର ମାଡ଼ କରାଯାଇଛି।

## ତୃତୀୟ ଟି-ଟ୍ୱେଣ୍ଟି ମ୍ୟାଚ୍

ହିମାଚଳ ପ୍ରଦେଶର ଧର୍ମଶାଳାଠାରେ ଆସନ୍ତାକାଲି ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ଚଳିତ ଟି-ଟ୍ୱେଣ୍ଟି ସିରିଜ୍‌ର ତୃତୀୟ ମ୍ୟାଚ୍ ଖେଳାଯିବ। ଭାରତୀୟ ସମୟ ସନ୍ଧ୍ୟା ୭ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ। ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତି ସିରିଜ୍ ସମାନ ସ୍ତରରେ ରହିଛି। ବାରବାଟୀ ଷ୍ଟାଡିୟମ୍‌ଠାରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଭାରତ ୧୦୧

ରନ୍‌ରେ ଏବଂ ନିଉ ଚଣ୍ଡିଗଡ଼ଠାରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୫୧ ରନ୍‌ରେ ବିଜୟୀ ହୋଇଥିଲା ।